# NATIONAL NEWS BULLETIN (ODIA)

## 9 July - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତ ଶେଷ କରି ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଭାରତ-ରୁଷ ସହଭାଗିତା ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ଏକ ସହଯୋଗାତ୍ମକ ଶିକ୍ଷା ପ୍ରଣାଳୀ ଗଠନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ହାଥରସ୍ ଦଳାଚକଟା ଘଟଣାରେ ୬ ଜଣ ଅଧିକାରୀଙ୍କୁ ନିଲମ୍ବନ କଲେ ଉତ୍ତରପ୍ରଦେଶ ସରକାର ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଟି-ଟ୍ୱେଣ୍ଟି ଶୃଙ୍ଖଳାର ତୃତୀୟ ମ୍ୟାଚ୍ ଚେନ୍ନାଇଠାରେ ଜାରି ।

# ରାଷ୍ଟ୍ରପତି-ନାଇଜର

ବିଦ୍ୟା, ବ୍ୟକ୍ତିକୁ ଅମୃତ ପ୍ରଦାନ କରିଥାଏ । ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ-ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି ବିଦ୍ୟାରୂପୀ ସଂଜୀବନୀ ପାଇବା ପରେ ବ୍ୟକ୍ତିର ଜୀବନ ଧନ୍ୟ ହୁଏ ଏବଂ ସେ ସବୁକ୍ଷେତ୍ରରେ ସଫଳତା ପାଏ । ରାଷ୍ଟ୍ରପତି ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସେମାନଙ୍କର ଶିକ୍ଷା ଏବଂ ଜ୍ଞାନକୁ ମାନବତାର ଉପକାର ପାଇଁ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଛନ୍ତି । ୪ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଯାତ୍ରା ଅବସରରେ ରାଷ୍ଟ୍ରପତି ମୁର୍ମୁ ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପିଏମ୍-ପୁଟିନ୍ ମିଟିଂ

ଭାରତ-ରୁଷ ସହଭାଗିତା ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ବୈଠକରେ ଶ୍ରୀ ମୋଦି କହିଛନ୍ତି, ୧୦ ବର୍ଷ ମଧ୍ୟରେ ଉଭୟ ନେତା ପରସ୍ପରକୁ ୧୭ଥର ସାକ୍ଷାତ କରିଛନ୍ତି ଏବଂ ବିଗତ ୨୫ ବର୍ଷ ମଧ୍ୟରେ ସେମାନେ ୨୨ଟି ଦ୍ୱିପକ୍ଷିୟ ବୈଠକରେ ମିଳିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଉଭୟ ଦେଶର ଦୃଢ଼ ସମ୍ପର୍କକୁ ପ୍ରତିପାଦନ କରୁଛି । ସେ କହିଛନ୍ତି, ଗତ ୪୦-୫୦ ବର୍ଷ ଧରି ଭାରତ ଆତଙ୍କବାଦକୁ ସାମ୍ନା କରୁଛି । ଶ୍ରୀ ମୋଦି କହିଛନ୍ତି, ଯେତେବେଳେ ମସ୍କୋରେ ଆତଙ୍କବାଦୀ ଆକ୍ରମଣ ହେଲା ସେ ସେହି ବ୍ୟଥାକୁ ଅନୁଭବ କରିପାରିଛନ୍ତି । ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ । ସେ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ବିଶ୍ୱ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି । ପ୍ରଥମେ କୋଭିଡ୍ ନାଇଣ୍ଟିନ୍ ମହାମାରୀ ଏବଂ ପରେ ଅନେକ ପରିସ୍ଥିତି ପାଇଁ । ଶ୍ରୀ ମୋଦି କହିଛନ୍‌ତି, ଭାରତ-ରୁଷ ସହଭାଗିତା, ଭାରତୀୟ କୃଷକ ଏବଂ ଉପଭୋକ୍ତାମାନଙ୍କୁ ଲାଭ ପହଞ୍ଚାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱରେ ତୈଳ ସଂକଟ ସମୟରେ ରୁଷିଆର ସମର୍ଥନ ଯୋଗୁଁ ଭାରତରେ ତୈଳ ଚାହିଦାକୁ ପୂରଣ

କରାଯାଇପାରିଥିଲା । ସେ କହିଛନ୍ତି, ଇନ୍ଧନ ସଂକ୍ରାନ୍ତ ଭାରତ-ରୁଷ ରାଜିନାମା ଆନ୍ତର୍ଜାତିକ ବଜାରକୁ ସ୍ଥିରତା ପ୍ରଦାନ କରିଛି ବୋଲି ବିଶ୍ୱ ସ୍ୱୀକାର କରିବା ଉଚିତ୍ ।

## ମୋଦି-ରଷିୟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମସ୍କୋରେ ଅଲ୍ ରଷିଆନ୍ ପ୍ରଦର୍ଶନୀ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦର୍ଶନୀ କେନ୍ଦ୍ର ବୁଲି ଦେଖାଇଥିଲେ । ଉଭୟ ନେତା ପ୍ରଦର୍ଶନୀ କେନ୍ଦ୍ରର ରୋଷାତୋମ୍ ପ୍ୟାଭିଲିୟନ୍‌କୁ ଦେଖିଥିଲେ । ପରମାଣୁ ଶକ୍ତି କ୍ଷେତ୍ରରେ ଭାରତ-ରୁଷ ସହଭାଗିତାକୁ ସମର୍ପିତ ଏକ ଫଟୋ ସେସନ୍‌ରେ ଶ୍ରୀ ମୋଦି ଭାଗ ନେଇଥିଲେ । ଭାରତର କୁଦନକୁଲମ୍ ପରମାଣୁ ଶକ୍ତି କେନ୍ଦ୍ରରେ କାର୍ଯ୍ୟକ୍ଷମ ଭି.ଭି.ଇ.ଆର୍.-୧୦୦୦ ରିଆକ୍ଟରର ସ୍ଥାୟୀ କାର୍ଯ୍ୟକାରୀ ମଡେଲ୍ 'ଆଟମିକ୍ ସିମ୍ଫୋନୀ'କୁ ପ୍ରଧାନମନ୍ତ୍ରୀ ମୋଦି ଦେଖିଥିଲେ ।  ପ୍ରଧାନମନ୍ତ୍ରୀ ସେଠାରେ କିଛି ଭାରତୀୟ ଓ ରୁଷ ଛାତ୍ରଛାତ୍ରୀମାନଙ୍କ ସହିତ ଭାବବିନିମୟ କରିଥିଲେ । ସେ ସେମାନଙ୍କୁ ବିଶ୍ୱ ତଥା ଭବିଷ୍ୟତ ପିଢ଼ିର ହିତ ଉଦ୍ଦେଶ୍ୟରେ ବିଜ୍ଞାନ ଓ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲେ ।

ରୋଷାତୋମ ପ୍ୟାଭିଲିୟନ୍ ୨୦୨୩ ମସିହା ନଭେମ୍ବର ମାସରେ ଉଦ୍‌ଘାଟିତ ହୋଇଥିଲା । ଯାହାକି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶର ଇତିହାସରେ ଏକ ବୃହତ ପ୍ରଦର୍ଶନୀ ।

## ଆସାମ-ଫ୍ଲଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ୟା ପ୍ରଭାବିତ ଆସାମ ପାଇଁ ଖୁବ୍ ଶୀଘ୍ର ସହାୟତା ଘୋଷଣା କରିବେ ବୋଲି କେନ୍ଦ୍ର ଶକ୍ତି, ଗୃହ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରୀ ମନୋହର ଲାଲ୍ ଆଜି ଗୌହାଟୀଠାରେ କହିଛନ୍ତି । ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ଶକ୍ତି ଏବଂ ସହରାଞ୍ଚଳ ମନ୍ତ୍ରୀମାନଙ୍କର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ପରେ ଗଣମାଧ୍ୟମକୁ ଶ୍ରୀ ଲାଲ କହିଛନ୍ତି, ଆସାମର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି, ରାଜ୍ୟରେ ବନ୍ୟା ଜନିତ କ୍ଷୟକ୍ଷତି ନେଇ ଆକଳନ ଜାରି ରହିଛି ଏବଂ ପ୍ରଧାନମନ୍ତ୍ରୀ ଖୁବ୍ ଶୀଘ୍ର ସହାୟତାରାଶି ଘୋଷଣା କରିବେ ।

ଅରୁଣାଚଳ ପ୍ରଦେଶକୁ ଛାଡ଼ି ଅନ୍ୟ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଶକ୍ତି ଓ ସହରାଞ୍ଚଳ ମନ୍ତ୍ରୀମାନଙ୍କ ବୈଠକରେ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ ।

## ପ୍ରଧାନ-ଏଜୁକେସନ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଏକ ସହଯୋଗାତ୍ମକ ଶିକ୍ଷା ପ୍ରଣାଳୀ ଗଠନ ଦିଗରେ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହ ବିଦ୍ୟାଳୟ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ସମୀକ୍ଷା ବୈଠକର ଉଦ୍‌ଘାଟନୀ ଅଧିବେଶନକୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ଆଗାମୀ ପାଞ୍ଚ ବର୍ଷ ପାଇଁ ବିଦ୍ୟାଳୟ ଶିକ୍ଷାର ସାମୂହିକ ବିକାଶ ନେଇ ଯୋଜନାର ରୂପରେଖ ଉପରେ ତାଙ୍କର ମତ ଉପସ୍ଥାପନ କରିଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଶିକ୍ଷା ଏକ ପ୍ରମୁଖ ସ୍ତମ୍ଭ ଏବଂ ଏହି ଲକ୍ଷ୍ୟକୁ ହାସଲ କରିବା ଲାଗି ସେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଜାତୀୟ ଶିକ୍ଷାନୀତିର

କାର୍ଯ୍ୟାନ୍ୱୟନ ଭାରତକୁ **"Knoledge Superpower"**ରେ ପରିଣତ କରିବା ସହ ଉତ୍ତମ, ସମାବେଶୀ ଶିକ୍ଷା ପ୍ରଦାନରେ ସହାୟକ ହେବ । ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦, ମାତୃଭାଷା ଓ ସମସ୍ତ ଭାରତୀୟ ଭାଷାରେ ଶିକ୍ଷାକୁ ଗୁରୁତ୍ୱ ଦେଉଛି ।

## ହାଥରସ୍ ଆରେଷ୍ଟ

ଉତ୍ତର ପ୍ରଦେଶ ସରକାର ହଥରସ୍ ଦଳାଚକଟା ଘଟଣାରେ ୬ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍.ଆଇ.ଟି.) ଆଜି ରିପୋର୍ଟ ଦାଖଲ କରିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏସ୍.ଆଇ.ଟି. ତାର ରିପୋର୍ଟରେ କାର୍ଯ୍ୟକ୍ରମର ଆୟୋକମାନଙ୍କର ଅବହେଳାକୁ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ଦର୍ଶାଇଛି । ଏସ୍.ଆଇ.ଟି. ରିପୋର୍ଟ ଆଧାରରେ ହାଥରସ୍ ଜିଲ୍ଲାର ଜଣେ ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍, ଜଣେ ତହସିଲଦାର ସମେତ ୬ ଜଣ ଅଧିକାରୀଙ୍କୁ ସରକାର ନିଲମ୍ବିତ କରିଛନ୍ତି । ଏସ୍.ଆଇ.ଟି. ସ୍ଥାନୀୟ ପ୍ରଶାସନକୁ ମଧ୍ୟ ଉତ୍ତରଦାୟୀ ବୋଲି ଅବିହିତ କରିବା ସହ ଷଡ଼ଯନ୍ତ୍ରକୁ

ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି କହିଛି । ତେବେ ଏ ନେଇ ଅଧିକ ତନ୍ତର ଆବଶ୍ୟକତା ଥିବା ଏସ୍.ଆଇ.ଟି କହିଛି ।

## ଇଣ୍ଡିଆ-ୟୁଏଇ

ଦ୍ୱାଦଶ ଭାରତ-ୟୁନାଇଟେଡ୍ ଆରବ୍ ଏମିରେଟ୍ସ ମିଳିତ ସାମରିକ ସହଯୋଗ କମିଟି – ଜେ.ଡି.ସି.ସି.ର ବୈଠକ ଆଜି ଆବୁଧାବିଠାରେ ଉଦ୍‌ଯାପିତ ହୋଇଛି । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା । ଯୁଗ୍ମ ସଚିବ ଅମିତାବ ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବ୍ରିଗେଡିୟର୍ ଜେନେରାଲ୍ ଷ୍ଟାଫ୍ ଜମାଲ୍ ଇବ୍ରାହିମ୍ ମହମ୍ମଦ ଅଲ୍ ମଜାର୍କିଙ୍କ ନେତୃତ୍ୱାଧୀନ ୟୁ.ଏ.ଇ. ପ୍ରତିପକ୍ଷଙ୍କୁ ଭେଟିଥିଲେ । ସେମାନଙ୍କ ମଧ୍ୟରେ ଦ୍ୱିପକ୍ଷିୟ ପ୍ରତିରକ୍ଷା ଓ ନିରାପତ୍ତା ସହଭାଗିତାକୁ ବୃଦ୍ଧି କରିବା ନେଇ ବ୍ୟାପକ ବିଚାରବିମର୍ଷ ହୋଇଥିଲା । ବୈଠକରେ ପ୍ରଶିକ୍ଷଣ ସହଭାଗିତା, ମିଳିତ ସମରାଭ୍ୟାସ, ସାମରିକ ଶିଳ୍ପ ସହଭାଗିତା ଏବଂ ଗବେଷଣା ଓ ବିକାଶ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ପ୍ରତିନିଧିମାନେ  ପ୍ରତିରକ୍ଷା ସହଭାଗିତାକୁ ସଶକ୍ତ କରିବା ଉପରେ ଗୁରୁତ୍ୱ

ପ୍ରଦାନ କରିଥିଲେ । ଏହି ଅବସରରେ ଉଭୟ ଦେଶର ନୌସେନା ଏବଂ ସ୍ଥଳ ସେନାର ଅଧିକାରୀମାନଙ୍କ ମଧ୍ୟରେ ମଧ୍ୟ ଭାବ ବିନିମୟ ହୋଇଥିଲା । ଯୁଗ୍ମ ସଚିବ ପ୍ରସାଦ ୟୁ.ଏ.ଇ. ପ୍ରତିରକ୍ଷା ମନ୍ତ୍ରଣାଳୟର ଉପସଚିବ ଅଲି ଅବଦୁଲ୍ଲା ଅଲ୍ ଅହମ୍ମଦଙ୍କ ସହ ମଧ୍ୟ ଦ୍ୱିପକ୍ଷିୟ ଆଲୋଚନାରେ ଭାଗ ନେଇଥିଲେ । ପ୍ରତିରକ୍ଷା ସହଭାଗିତାକୁ ସଶକ୍ତ କରିବା ନେଇ ତବାଜୁନ୍ ଅର୍ଥନୈତିକ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ମଧ୍ୟ ଶ୍ରୀ ପ୍ରସାଦ ଭେଟିଥିଲେ । ଜେ.ଡି.ସି.ସି. ୨୦୦୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ଯାହାକି ଭାରତ-ୟୁ.ଏ.ଇ. ପ୍ରତିରକ୍ଷା ସମ୍ପର୍କକୁ ଆଗେଇ ନେବା କ୍ଷେତ୍ରରେ ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି ।

## ୟୁଏସ୍‌ଏ-ହରିକେନ୍

ଯୁକ୍ତରାଷ୍ଟ୍ର ଆମେରିକାରେ ଦକ୍ଷିଣପୂର୍ବ ଟେକ୍ସାସ୍ ଓ ଲୁଇସିଆନା ଅଞ୍ଚଳରେ ଘୂର୍ଣ୍ଣିଝଡ଼ ବେରିଲ୍‌ର ପ୍ରଭାବରେ ଅତିକମ୍‌ରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି । ଘୂର୍ଣ୍ଣିଝଡ଼ ଯୋଗୁଁ ୩ ନିୟୁତ ଘରଗୁଡ଼ିକରେ ବିଜୁଳି ଯୋଗାଣ ବନ୍ଦ ରହିଛି । ବେରିଲ୍ ଘୂର୍ଣ୍ଣିଝଡ଼ ଗତକାଲି ସକାଳେ ଦକ୍ଷିଣାଞ୍ଚଳରେ ସ୍ଥଳଭାଗ ଛୁଇଁଥିଲା । କିନ୍ତୁ ଅବପାତରେ ପରିଣତ

ହେବାପରେ ଏହା ଦୁର୍ବଳ ହୋଇପଡ଼ିଥିଲା । ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁସାରେ ଘୂର୍ଣ୍ଣିଝଡ଼ ପାଇଁ ହଷ୍ଟନ୍ ବିମାନ ବନ୍ଦରରେ ୧୧୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଥିଲା ।

## କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ମଧ୍ୟରେ ତୃତୀୟ ତଥା ଚୂଡ଼ାନ୍ତ ଟି-ଟ୍ୱେଣ୍ଟି ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଭାରତ ବୋଲିଂର ନିଷ୍ପତ୍ତି ନେଇଛି ।

ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି । ସେମାନେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍‌କୁ ୧୨ରନ୍‌ରେ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା ।

## ଗଗନ ନାରଙ୍ଗ

ଭାରତୀୟ ଅଲମ୍ପିକ୍ ଆସୋସିଏସନ୍ (ଆଇ.ଓ.ଏ.) ଚାରିଥର ଅଲମ୍ପିକ୍‌ରେ ଭାଗ ନେଇଥିବା ଓ ୨୦୧୨ ଅଲମ୍ପିକ୍ କ୍ରୀଡ଼ାର ୧୦ ମିଟର

ଏୟାର୍ ରାଇଫଲ୍ ବର୍ଗରେ ବ୍ରୋଞ୍ଜ ପଦକ ବିଜେତା ଗଗନ ନାରଙ୍ଗଙ୍କୁ ପ୍ୟାରିସ୍ ଅଲିମ୍ପିକ୍-୨୦୨୪ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ଭାରତୀୟ ଦଳର ମିଶନ୍-ମୁଖ୍ୟ ଭାବେ ନିଯୁକ୍ତ କରିଛି । ଆସନ୍ତା ୨୬ ତାରିଖରୁ ସେ ମ୍ୟାରିକମ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ । ଉଦ୍‌ଘାଟନୀ ସମାରୋହରେ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପି.ଭି. ସିନ୍ଧୁ ଓ ଟେବୁଲ୍ ଟେନିସ୍ ଖେଳାଳି ସରଥ୍ କମଲ୍ ଧ୍ୱଜା ବାହକ ରହିବେ । ମ୍ୟାରିକମ୍ ତାଙ୍କ ପଦରୁ ଇସ୍ତଫା ଦେବା ପରେ ପୂର୍ବରୁ ମିଶନ୍ ଉପ-ମୁଖ୍ୟ ଥିବା ନାରଙ୍ଗଙ୍କୁ ଏହି ଦାୟିତ୍ୱ ମିଳିଛି । ଆଇ.ଓ.ଏ. ସଭାପତି ପି.ଟି. ଉଶା କହିଛନ୍ତି, ପ୍ୟାରିସ୍-୨୦୨୪ ଅଲିମ୍ପିକ୍ସ କ୍ରୀଡ଼ାରେ ଆମର ଖେଳାଳିମାନେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ।